## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତଙ୍କୁ ୧୨ ବର୍ଷ କାରାଦଣ୍ଡାଦେଶ

**ଅନୁଗୋଳ ଅଫିସ, ୨୮।୩:** ତାଳଚେର ବ୍ଲକ କଲିୟାରୀ ଥାନା ଅଞ୍ଚଳରେ ୨୦୧୩ ମାର୍ଚ୍ଚ ୧୫ରେ ଘଟିଥିବା ଏକ ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଅନୁଗୋଳ ଏଡିଜେ କମ୍ ପୋକ୍ସୋ ସ୍ପେଶାଲ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ କୁଜା ପେଣ୍ଡଇଙ୍କୁ ୧୨ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟସ୍ଥଳେ ଅଧିକ ଏକ ବର୍ଷ କାରାଦଣ୍ଡାଦେଶ ଦିଆଯାଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ସ୍ପେଶାଲ ପିପି ସରୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ବିବରଣୀ ଅନୁଯାୟୀ, ଅଭିଯୁକ୍ତ କୁଜା ପେଣ୍ଡଇଙ୍କ ଘର କେନ୍ଦୁଝର ଜିଲା ତେଲକୋଇ ଥାନା କାଳିମା ଗାଁରେ। ସେ କଲିୟାରୀ ଥାନା ଅଞ୍ଚଳରେ ରହି ମୂଲମଜୁରି କରୁଥିଲେ। ବଳାତ୍କାରର ଶିକାର ହୋଇଥିବା ଶିଶୁକନ୍ୟାଙ୍କ ଘର ପାଲଲହଡ଼ା ହୋଇଥିବା ବେଳେ ତାଙ୍କ ପରିବାର ମଧ କଲିୟାରୀ ଥାନା ଅଞ୍ଚଳରେ ରହୁଥିଲେ। ଘଟଣାଦିନ ଶିଶୁକନ୍ୟାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ କୁଜା ପେଣ୍ଡଇ ତାଙ୍କୁ ବଳାତ୍କାର କରିଥିଲେ। ସେହି ସମୟରେ ଶିଶୁକନ୍ୟାଙ୍କ ଜେଜେମା ଘରକୁ ପଶିଆସିବା ସହ ଘଟଣା ସମ୍ପର୍କରେ ଅନ୍ୟମାନଙ୍କୁ କହିଥିଲେ। ପରେ ଏ ସଂକ୍ରାନ୍ତରେ କଲିୟାରୀ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ନଂ. ୨୬୪/୧୩ରେ ମାମଲା ରୁଜୁ କରି ଅଭିଯୁକ୍ତ କୁଜାଙ୍କୁ ଗିରଫ କରିଥିଲା।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଛେଣ୍ଡିପଦା,୨୮।୩(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ସେହି ଅଞ୍ଚଳର ଜଣେ ବିବାହିତ ଯୁବକ ବଳାତ୍କାର କରିଥିବା ଏବଂ ଯୁବତୀ ଜଣକ ୫ ମାସର ଗର୍ଭବତୀ ଥିବା ଅଭିଯୋଗ ହୋଇଛି। ପୋଲିସ କହିଛି, ସମ୍ପୃକ୍ତା ଯୁବତୀ ତାଙ୍କ ସମ୍ପର୍କୀୟଙ୍କ ଘରେ ଥିବାବେଳେ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ପରେ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବକ ଜଣକ ଅନେକ ସମୟରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଗର୍ଭବତୀ ହେବାପରେ ଅଭିଯୁକ୍ତ ବିବାହ ପାଇଁ ମନା କରିଦେଇଥିଲେ। ଏ ନେଇ ଛେଣ୍ଡିପଦା ଥାନାରେ ପୀଡିତା ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୧୨/୧୯ରେ ମାମଲା ରୁଜୁ କରିବା ସହ ଯୁବତୀଙ୍କ ଡାକ୍ତରୀ ମାଇନା କରାଇଛି। ଏଥିସହ ମାଜିଷ୍ଟ୍ରେଟଙ୍କ ନିକଟରେ ସିଆରପିସି ଧାରା ୧୬୪ରେ ବୟାନ ରେକର୍ଡ କରାଇଛି। ଘଟଣାର ତଦନ୍ତ ଚାଲିଥିବା ଏବଂ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବା ଥାନା ଅଧିକାରୀ ପ୍ରିୟବ୍ରତ ଦାସ ପ୍ରକାଶ କରିଛନ୍ତି।

■ ଚଢ଼ିଗଲା ଟ୍ରକ୍, ଯୁବକ ମୃତ

# ରାସ୍ତାରୋକୋବେଳେ ଉତ୍ତେଜନା

ଅନୁଗୋଳ ଅଫିସ, ୨୮।୩


ରାସ୍ତା ଉପରେ ଅଟକି ରହିଥିବା ଟ୍ରକ୍‌ଗୁଡ଼ିକର କାଚ ଭାଙ୍ଗି ଦିଆଯାଇଛି।

ଅନୁଗୋଳ ଥାନା ଜରାସିଂହା ଦେଇ ଯାଇଥିବା ଅନୁଗୋଳ-ଜିନ୍ଦଲ ରାସ୍ତାରେ ବୁଧବାର ବିଳମ୍ବିତ ରାତିରେ ଅଜଣା ଟ୍ରକ୍ ଧକ୍କାରେ ଜୟନ୍ତ ସାହୁଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକମାନେ ରାସ୍ତାରୋକୋ କରିବା ସହ ଅଟକି ରହିଥିବା ଗାଡ଼ିଗୁଡ଼ିକର କାଚ ଭାଙ୍ଗି ଦେଇଥିଲେ। ଏପରି କି ଘଟଣାସ୍ଥଳକୁ ପୋଲିସକୁ ଯିବାକୁ ଦେଇ ନ ଥିଲେ। ଗୁରୁବାର ସକାଳେ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସନ୍ଧ୍ୟାରେ ଗ୍ରାମ ସଭାପତି ରସିକ ଦାସଙ୍କ ନେତୃତ୍ୱରେ ଏକ ବୈଠକ ବସି ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯିବା ପରେ ପୋଲିସକୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ପ୍ରକାଶ ଯେ, ଜରାସିଂହା ଗ୍ରାମରେ ଦୋଳମେଳଣ ପାଇଁ ଚାଲିଥିବା ମେଲୋଡି କାର୍ଯ୍ୟକ୍ରମ ଦେଖିବା ପରେ ଜୟନ୍ତ ଘରକୁ ଫେରୁଥିଲେ। ଏହି ସମୟରେ ସ୍କୁଲ ନିକଟରେ ତାଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇବା ମାତ୍ରେ ଗ୍ରାମବାସୀ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଜିନ୍ଦଲରେ ମୃତକଙ୍କ ପରିବାରରୁ ଜଣକୁ ଚାକିରି ଦାବିରେ ରାସ୍ତାରୋକୋ କରିଥିଲେ। ଏପରି କି ରାସ୍ତାରୋକୋ ଯୋଗୁ ଅଟକି ରହିଥିବା ଟ୍ରକ୍‌ଗୁଡ଼ିକର କାଚ ଭାଙ୍ଗି ଦେଇଥିଲେ। ସନ୍ଧ୍ୟାରେ ବୈଠକ କରି ଗ୍ରାମବାସୀ ରାସ୍ତାରେ ପାଣି ସିଞ୍ଚନ ସହ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଦାବି କରିଥିଲେ। ଏ ଦିଗରେ ତୁରନ୍ତ ଦୃଷ୍ଟି ଦିଆ ନ ଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଭାପତି ଦାସ ଚେତାବନୀ ଦେଇଛନ୍ତି। ବଣାଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ ଓ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଉକ୍ତ ଦାବିପତ୍ର ଗ୍ରହଣ କରିଥିବା ସୂଚନା ମିଳିଛି।

## କଂଗ୍ରେସର ସାଙ୍ଗଠନିକ ବୈଠକ

କଣିହାଁ, ୨୮।୩(ଡି.ଏନ.ଏ.)

କଣିହାଁ ବ୍ଲକ ତାଳଚେର ନିର୍ବାଚନ ମଣ୍ଡଳୀ ବଡ଼ଗୁଣ୍ଡୁରୀ ଗ୍ରାମ ଆମ୍ବତୋଟାରେ ବୁଧବାର କଂଗ୍ରେସ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ତାଳଚେର ବିଧାୟକ ପ୍ରାର୍ଥୀ ତଥା ଜିଲା କାର୍ଯ୍ୟକାରୀ କଂଗ୍ରେସ କମିଟି ସଭାପତି ସୁରେଶ ବେହେରା ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଗରିବଙ୍କ ପାଇଁ ଯୋଜନା କରିବା ଆଳରେ ଉଭୟ ସରକାର ଧନୀ ଶ୍ରେଣୀର ଲୋକଙ୍କୁ ପ୍ରତିପୋଷଣ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ମହିଳା ସଭାନେତ୍ରୀ ଏଲ ମାଣିକ ପ୍ରଭା ଯୋଗଦେଇ ଦୁଇ ସରକାରଙ୍କୁ ସମାଲୋଚନା କରିଥିଲେ। ବୈଠକରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବଦତ୍ତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଶିବରାମ ଦାସ, ଦିବାକର ସାହୁଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବୈଠକ ପରେ କଂଗ୍ରେସ ପ୍ରାର୍ଥୀ ବେହେରା ବିଭିନ୍ନ ଗ୍ରାମକୁ ଯାଇ ପୁରୁଖା ଓ ନୂଆ କର୍ମୀଙ୍କୁ ଭେଟି ଆଲୋଚନା କରିଥିଲେ।

■ ବାଇକ୍‌କୁ ଧକ୍କା ଦେଲା ବସ୍

# ସାନ ଭାଇ ମୃତ, ବଡ଼ ଗୁରୁତର

କଣିହାଁ, ୨୮।୩(ଡି.ଏନ.ଏ.)



ଅନୁଗୋଳ ଜିଲା କଣିହାଁ ବ୍ଲକ ଝରାବେରଣୀ ଗ୍ରାମ ନିକଟ ୫୩ ନମ୍ବର ଜାତୀୟ ରାଜପଥରେ ଗୁରୁବାର ଏକ ବସ୍ (ନଂ. ଓଆର୍‌୧୯ଏଲ୍-୧୬୩୬) ଓ ବାଇକ୍ (ନଂ. ଓଆର୍‌୧୯ଏମ୍-୩୨୪୨) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କାକୁଡିଆ ପଞ୍ଚାୟତ ଚାଙ୍ଗୁଡିଆ ଗ୍ରାମର ଭ୍ରମର ସାହୁଙ୍କ ମୃତ୍ୟୁ ଘଟିଥିବାବେଳେ ବଡ ଭାଇ କୁମର ସାହୁ ଗୁରୁତର ହୋଇଛନ୍ତି। ଉଭୟେ ଏକ ବାଇକ୍‌ରେ ରଙ୍ଗ କାମ କରିବାକୁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ କଟକ ଡାକ୍ତରଖାନା ନିଆଯିବା ସମୟରେ ବାଟରେ ଭ୍ରମରଙ୍କ ମୃତ୍ୟୁ ଘଟିଥିଲା। ଅପରାହ୍ନରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ପରେ ଦୁର୍ଘଟଣା ଘଟାଇଥିବା ବସ୍‌ର ମାଲିକ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲେ ହେଁ କ୍ଷତିପୂରଣ ନ ମିଳିବା ଯାଏ ଆନ୍ଦୋଳନକାରୀ ମୃତଦେହ ରାସ୍ତାରେ ରଖିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ବୁଝାଶୁଝା ପରେ ରାତି ପ୍ରାୟ ୯ଟାରେ ରାସ୍ତାରୁ ଶବ ଉଠାଯାଇଥିବା ଜଣାପଡିଛି। ବସ୍ ମାଲିକ ନଗଦ ୧ ଲକ୍ଷ କ୍ୟାସ ଓ ଆଉ ୨ ଲକ୍ଷ ଟଙ୍କାର ଚେକ୍ କ୍ଷତିପୂରଣ ଆକାରରେ ଦେବାକୁ ପ୍ରତିଶ୍ରୁତି ଦେବାପରେ ମୃତଦେହ ଉଠିଥିବା ପୂର୍ବତନ ସରପଞ୍ଚ ବିନୟ କୁମାର ପ୍ରଧାନ କହିଛନ୍ତି। ଏ ନେଇ ନଂ. ୫୪/୧୯ରେ ମାମଲା ରୁଜୁ ହୋଇଥିବା କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି।

# ପ୍ରଚାରକୁ ଓହ୍ଲାଇଲେ ନୀତୀଶ ଗଙ୍ଗଦେବ

ଛେଣ୍ଡିପଦା, ୨୮।୩(ସ୍ୱ.ପ୍ର.)

ଭାଜପାର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନୀତୀଶ ଗଙ୍ଗଦେବ ଗୁରୁବାର ନିର୍ବାଚନୀ ପ୍ରଚାରକୁ ଓହ୍ଲାଇଛନ୍ତି। ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ପାଟକୁମୁଣ୍ଡାଠାରୁ ଏକ ବାଇକ୍ ରାଲିରେ ଆସି ଗଙ୍ଗଦେବ ବାଗଡିଆଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗ ଦେଇଥିଲେ। କ୍ଷମତାକୁ ଆସିଲେ ସେ ସ୍ଥାନୀୟ ଲୋକଙ୍କ ପାଣି, ସ୍ୱାସ୍ଥ୍ୟ, କୃଷି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଓ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦିଗରେ ସେ ନିଶ୍ଚିତ ପଦକ୍ଷେପ ନେବେ ବୋଲି କହିଥିଲେ। ଦଳର ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା ସଭାରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଜଣାଇଥିଲେ। ଏଥିସହ ଦଳକୁ ମଜଭୁତ କରିବାକୁ କାମ କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାପରେ ଗଙ୍ଗଦେବ ପାତ୍ରପଡା ଗସ୍ତ କରିବା ସହ ଗତ ୨୪ ତାରିଖରେ ଘଟିଥିବା ଅଗ୍ନିକାଣ୍ଡର ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ। ପରେ ଛେଣ୍ଡିପଦା ପଞ୍ଚାୟତ ଗସ୍ତକରି ନିର୍ବାଚନୀ ପ୍ରଚାର କରିଥିଲେ। ଏଥିରେ ଏକ ହଜାରରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ସାମିଲ ହୋଇଥିଲେ।



## ପୂର୍ବ ଶତ୍ରୁତାରୁ ଘରପୋଡ଼ି ଅଭିଯୋଗ

ଛେଣ୍ଡିପଦା,୨୮।୩(ସ୍ୱ.ପ୍ର.)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଟାଙ୍ଗିରୀ ଗ୍ରାମର ମୋହନ ବେହେରାଙ୍କ ଘରେ ସେହି ଗ୍ରାମର ସୁଜିତ ବେହେରା ନିଆଁ ଲଗାଇ ଦେଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି।

ପୋଲିସ କହିଛି, ମୋହନ ଓ ସୁଜିତଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ବୁଧବାର ରାତିରେ ମୋହନ ଓ ପରିବାର ଲୋକେ ଶୋଇଥିବାବେଳେ ଘରେ ନିଆଁ ଲାଗିଯାଇଥିବା ଜାଣିବାକୁ ପାଇଥିଲେ। ସେମାନେ ଘରୁ ବାହାରିବାକୁ ଚେଷ୍ଟା କରିଥିଲେ ହେଁ ବାହାରପଟୁ କବାଟ ବନ୍ଦ ହୋଇଥିବା ଜାଣିବାକୁ ପାଇଥିଲେ। ପାଟିକରି ଗ୍ରାମବାସୀଙ୍କୁ ଡାକିବାରେ ଲୋକେ କବାଟ ଖୋଲିବା ସହ ଦମକଳ ବାହିନୀକୁ ଜଣାଇଥିଲେ। ଛେଣ୍ଡିପଦା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିଯୋଗୁ ପ୍ରାୟ ୩୦ ହଜାର ଟଙ୍କାରୁ ଅଧିକ ସମ୍ପତ୍ତି ସହ ଆସବାବ ପତ୍ର ପୋଡି ଯାଇଥିବା ଅଗ୍ନିଶମ କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ। ଆହତ ମୋହନ ଛେଣ୍ଡିପଦା ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ବିକ୍ଷୋଭ, ତାଲା



ବଇଣ୍ଡା,୨୮।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ ଜାମୁନାଳୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ବହୁ ପୁରାତନ ଏହି ବିଦ୍ୟାଳୟଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୪ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଥିବାବେଳେ ମାତ୍ର ୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତିରେ ଅନେକ ସମୟରେ ବିଦ୍ୟାଳୟରେ ତାଲା ଝୁଲୁଛି। ୨ ଜଣ ଶିକ୍ଷକ ନିଯୁକ୍ତି ପାଇଁ ବର୍ଷେ ହେବ କିଶୋରନଗର ବିଇଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଏପରିକି ଏକ ଶ୍ରେଣୀଗୃହ ନିର୍ମାଣ ହୋଇଥିଲେ ମଧ ତାହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନାଗୁଡ଼ିକରେ ମିଥ୍ୟା ବିଲ କରି ଟଙ୍କା ହଡ଼ପ କରାଯାଉଛି। ପରିଚାଳନା କମିଟି ସଭ୍ୟାସଭ୍ୟ ଓ ସଭାପତିଙ୍କ ବିନା ଉପସ୍ଥିତିରେ ଟଙ୍କା ଉଠାଣ କରାଯାଉଥିବା ପରିଚାଳନା କମିଟି ଅଭିଯୋଗ କରିଛି। ବିଦ୍ୟାଳୟରେ ହୋଇଥିବା ହେରଫେର ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇ ପଦକ୍ଷେପ ନେବା ସହ ତୁରନ୍ତ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ, ଶିକ୍ଷା କମିଟି ସଭାପତି ଅରୁଣ ପ୍ରଧାନ, ଗ୍ରାମ ସଭାପତି ନାରାୟଣ ସାହୁ, ରଞ୍ଜନ ସାହୁ, ରାଜେନ୍ଦ୍ର ପ୍ରଧାନ, ବାସନ୍ତୀ ଦେହୁରି ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କିଶୋରନଗର ବ୍ଲକ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥ କହିଛନ୍ତି, ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁସାରେ ଶିକ୍ଷକ ଅଛନ୍ତି। ତଥାପି ଶିକ୍ଷକ ସମସ୍ୟା ଉପରେ ଦୃଷ୍ଟି ଦିଆଯିବ। ବିଦ୍ୟାଳୟରେ ହୋଇଥିବା ହେରଫେର ଅଭିଯୋଗ ସମ୍ପର୍କରେ ଏବିଇଓ ବିଦ୍ୟାଳୟକୁ ଯାଇ ତଦନ୍ତ କରିବେ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ରଥ ପ୍ରକାଶ କରିଛନ୍ତି।

# ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲର ବାର୍ଷିକ ଉତ୍ସବ

ଅନୁଗୋଳ ଅଫିସ/ଛେଣ୍ଡିପଦା(ସ୍ୱ.ପ୍ର.), ୨୮।୩

ଅନୁଗୋଳ ବଡ଼ମହିତଳାସ୍ଥିତ ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ପରିସରରେ ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜେଏସ୍‌ପିଏଲ୍ ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଜେଏସ୍‌ପିଏଲ୍ ସର୍ବଦା ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଠନ କରିବାରେ ଏହି ବିଦ୍ୟାଳୟ ସହାୟକ ହୋଇପାରିଛି। ପ୍ରଧାନଶିକ୍ଷକ ଫକୀର ମୋହନ ସାହୁ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଜେଏସ୍‌ପିଏଲ୍ ଇଡି ମେଣ୍ଟେନାନ୍ସ ସୁରେଶ କୁମାର, ଜିନ୍ଦଲ ମହିଳା ସମିତି ସଭାନେତ୍ରୀ ପ୍ରତିଭା ଗୌତମ ଓ ଅନ୍ୟ ସଦସ୍ୟମାନେ ବିଶେଷ ଅତିଥି ଭାବେ ଯୋଗଦାନ କରିଥିଲେ। ଓପି ଜିନ୍ଦଲ ସ୍କୁଲ ଅଧ୍ୟକ୍ଷ ଛନ୍ଦାଚରଣ ଦାସ, ଡିଏଭି ଏନ୍‌ଟିପିସି ତାଳଚେର ଥର୍ମାଲ ସ୍କୁଲ ଅଧ୍ୟକ୍ଷା ତପସ୍ୱିନୀ ମିଶ୍ର, ଟିଟିପିଏସ୍ ଏନ୍‌ଟିପିସି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ନିଶିକାନ୍ତ କର, ଟିଟିପିଏସ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶୁଭେନ୍ଦୁଶେଖର ବୋଷ, କଙ୍କରାଇ ଜିପି ହାଇସ୍କୁଲ ପ୍ରଧାନ ଶିକ୍ଷକ ବେଣୁଧର ସାହୁ, ଜେଏସ୍‌ପିଏଲ୍ ସିଏସ୍‌ଆର୍ ବିଭାଗର ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ଶିକ୍ଷୟିତ୍ରୀ ସ୍ମିତାରାଣୀ, ଆରତି, ସୁରଭି, ଜ୍ୟୋତି, ଶିକ୍ଷକ ଚିତ୍ତରଞ୍ଜନ ଦାସ, ସୂର୍ଯ୍ୟକାନ୍ତ ବରାଳ, ପ୍ରଦ୍ୟୁମ୍ନ ଜେନା, ଦୁଃଶାସନ ବେହେରା, ଜିତେନ୍ଦ୍ର ବାରିକ, କୃଷ୍ଣ କୁମାର ଦାସ, ଅର୍ନବ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନ୍ୟତମ ଶିକ୍ଷୟିତ୍ରୀ ମଧୁମିତା ସାହୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ବାର୍ଷିକ ଉତ୍ସବରେ ଅତିଥିମାନେ।

■ ୭ମ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

# ସମାଜର ମାର୍ଗ ଦର୍ଶନରେ ନାଟକର ଭୂମିକା ବଳିଷ୍ଠ

ତାଳଚେର, ୨୮।୩(ନି.ପ୍ର.)



ବିଶ୍ୱ ନାଟକ ଦିବସ ପାଳନ ଅବସରରେ ତାଳଚେରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ଆମେ ବଞ୍ଚିଛୁ' ପକ୍ଷରୁ ସପ୍ତମ ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ ସମାରୋହ ଜଗନ୍ନାଥ କଳାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ତାଳଚେର ଭାରିଜଳ କାରଖାନାର ମହାପ୍ରବନ୍ଧକ ମହେନ୍ଦ୍ର ଗିରି, ସମ୍ମାନିତ ଅତିଥି ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଭାରିଜଳ କାରଖାନାର ପ୍ରଡକ୍ସନ ମ୍ୟାନେଜର ଆଶିଷ ରଥ, ଅନୁଗୋଳ କଳାକାର ନାଟ୍ୟ ଅନୁଷ୍ଠାନର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ନବଦୀପ ମହାଲିକ, ସମ୍ବଲପୁରସ୍ଥିତ ଶ୍ରୀ କଲ୍‌ଚରାଲ ଆସୋସିଏଶନ୍‌ର ନାଟ୍ୟକାର ଆଶିଷ ସୋନାର, ନାଟ୍ୟକର୍ମୀ ରଞ୍ଜନ ବେହେରା ଓ ସାହିତ୍ୟିକ ରାଜୀବ ଗୋପାଳ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ଆମେ ବଞ୍ଚିଛୁ ପକ୍ଷରୁ ବିଭିନ୍ନ ଅନୁଷ୍ଠାନର ନାଟ୍ୟକାର, ନାଟ୍ୟଶିଳ୍ପୀ ଓ ନାଟ୍ୟକର୍ମୀମାନଙ୍କୁ ନେଇ ଏକ ସାଂସ୍କୃତିକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା ଜଗନ୍ନାଥ କଲୋନୀ ପରିକ୍ରମା କରି ନାଟକର ମହତ୍ତ୍ୱ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରିଥିଲା। ଏହାପରେ ମୁକୁନ୍ଦ ଶତପଥୀଙ୍କ ଅଧ୍ୟକ୍ଷତାରେ 'ନାଟକ କାହିଁକି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ପଣ୍ଡା, ଆଶିଷ ସୋନାର, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ନାଟକ କେବଳ ଏକ ମନୋରଞ୍ଜନର ମାଧ୍ୟମ ନୁହେଁ। ଏହା ସମାଜକୁ ବଳିଷ୍ଠ ମାର୍ଗଦର୍ଶନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଲାବଣ୍ୟ ଥିଏଟର ପକ୍ଷରୁ ଏକ ଭିନ୍ନ ସ୍ୱାଦର ନାଟକ 'ଖଳନାୟିକା-ଏକ ଆତ୍ମକଥା' ପରିବେଷଣ କରାଯାଇଥିଲା। ଦିଲୀପ ବଳବନ୍ତରାୟ ଏହାକୁ ରଚନା କରିଥିବା ବେଳେ ସତ୍ୟ ଜେନା ନିର୍ଦ୍ଦେଶନା ଦେଇଥିଲେ। ସେହିପରି ମନଛୁଆଁ ସଂଳାପ ଓ ହୃଦୟସ୍ପର୍ଶୀ କାହାଣୀକୁ ନେଇ ଯାଜପୁରର ଆହ୍ୱାନ ଅନୁଷ୍ଠାନ ପରିବେଷଣ କରିଥିଲା ନାଟକ 'ଆଖି'। ଏହି ନାଟକକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱଜିତ୍ ସାହୁ। ସୁଭାଷ ଚନ୍ଦ୍ର ପ୍ରଧାନ, ମନୋଜ କୁମାର ସାହୁ, ମାୟାଧର ପ୍ରଧାନ, ନଗେନ୍ଦ୍ର ପ୍ରଧାନ, ଅଶୋକ ଜ୍ୟୋତିଷ, ବିଭୂତି ଭୂଷଣ ସ୍ୱାଇଁ, ହିମାଦ୍ରୀ ବରାଳ, ପ୍ରମୁଖଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ଆମେ ବଞ୍ଚିଛୁ ପକ୍ଷରୁ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଶରତ କୁମାର ମାଝି ଓ ଶକୁନ୍ତଳା ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

**ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଣାଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ନାଟକ ବକ୍ତବ୍ୟ ଉପସ୍ଥାପନର ଶ୍ରେଷ୍ଠ ମାଧ୍ୟମ



ଅନୁଗୋଳ ଅଫିସ, ୨୮।୩: ଅନୁଗୋଳ କଳାକେନ୍ଦ୍ର ଠାରେ ବୁଧବାର ସେବା-ସାଂସ୍କୃତିକ ଅନୁଷ୍ଠାନ କଳାକାର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶାନ୍ତନୁ କୁମାର ସର ମୁଖ୍ୟଅତିଥି ଭାବେ ଯୋଗଦେଇ ମଞ୍ଚ ନାଟକ, ନିଶା ଓ ପେସା ସମ୍ପର୍କରେ ନିଖୁଣ ଭାବେ ବୁଝାଇଥିଲେ। ସେ କହିଥିଲେ ଯେ, ସାହିତ୍ୟ ମଧ୍ୟରେ ସବୁଠୁ ଶକ୍ତିଶାଳୀ ହେଉଛି ନାଟକ। ଏହା ବକ୍ତବ୍ୟ ଉପସ୍ଥାପନର ଶ୍ରେଷ୍ଠ ମାଧ୍ୟମ। କିଛି କଳାକାରଙ୍କ ନିଶା ଯୋଗୁ ଏହି ମଞ୍ଚ ନାଟକ ବଞ୍ଚି ରହିଛି ଓ ଆଗକୁ ବଞ୍ଚି ରହିବ ବୋଲି ସର ମତବ୍ୟକ୍ତ କରିଥିଲେ। କଳାକାର ଅନୁଷ୍ଠାନ ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାକାର ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ଓ ରଞ୍ଜନ କୁମାର ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନର କଳାକାର ହେମନ୍ତ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବ୍ୟାଙ୍କ ସମୂହ ଜିଲାସ୍ତରୀୟ କମିଟି ସ୍ୱତନ୍ତ୍ର ବୈଠକ

ଅନୁଗୋଳ ଅଫିସ, ୨୮।୩: ବ୍ୟାଙ୍କ ସମୂହ ଜିଲାସ୍ତରୀୟ ସମନ୍ୱୟ କମିଟିର ଏକ ସ୍ୱତନ୍ତ୍ର ବୈଠକ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ଆର୍ଥିକ ଓ ସାମାଜିକ ବିକାଶ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷମାନେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବ୍ୟାଙ୍କମାନଙ୍କ ଦ୍ୱାରା ଜିଲାର କୃଷି, ଅଣକୃଷି, କ୍ଷୁଦ୍ର ଶିଳ୍ପ, ଶିକ୍ଷା, ଗୃହ ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରର ବିକାଶ ନିମନ୍ତେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୨୩୨୬.୫୦ କୋଟି ଟଙ୍କାର ବାର୍ଷିକ ଋଣ ଯୋଜନା ପରିପତ୍ରକୁ ଜିଲାପାଳ ଅନୁମୋଦନ କରିଥିଲେ। ପ୍ରାରମ୍ଭରେ ଜିଲା ଅଗ୍ରିମ ବ୍ୟାଙ୍କ ପରିଚାଳକ(ଏଲ୍‌ଡିଏମ୍) ମହେଶ୍ୱର ଗୌଡ଼ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ନାବାର୍ଡର ଜିଲା ଉନ୍ନୟନ ପରିଚାଳକ ଶରତ କୁମାର ବେହେରା, ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ଅଧିକାରୀ କ୍ଷିତିଶ ଚନ୍ଦ୍ର ପ୍ରଧାନ ଓ ମୁଖ୍ୟ ପରିଚାଳକ ସୁବାସ ଚନ୍ଦ୍ର ବେହେରା, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଭୋଳେଶ୍ୱର ମଲ୍ଲିକଙ୍କ ସମେତ ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକ ଓ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ■ଜଗନ୍ନାଥ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଭଗବାନ ସବୁଠି ବିଦ୍ୟମାନ

ବଆଁରପାଳ, ୨୮।୩ (ଡି.ଏନ୍.ଏ.)

ନାଲ୍‌କୋନଗର ଠାରେ ଚାଲିଥିବା ଜଗନ୍ନାଥ ମହୋତ୍ସବ ଓ ପାଞ୍ଚରାତ୍ର କାର୍ଯ୍ୟକ୍ରମର ଚତୁର୍ଥ ସନ୍ଧ୍ୟାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ଲୋକମାନଙ୍କ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଜଗଦ୍‌ଗୁରୁ କହିଥିଲେ ଯେ, ଭଗବାନଙ୍କ ଅନେକ ରୂପ ରହିଛି। ସେ ସବୁଠି ବିଦ୍ୟମାନ। ସୂର୍ଯ୍ୟ ଉପାସକଙ୍କୁ ସୌର, ବିଷ୍ଣୁ ଉପାସକଙ୍କୁ ବୈଷ୍ଣବ, ଶିବ ଉପାସକଙ୍କୁ ଶୈବ, ଶକ୍ତି ଉପାସକଙ୍କୁ ଶାକ୍ତ, ଗଣପତି ଉପାସକଙ୍କୁ ଗାଣପତ୍ୟ ବୋଲି ବିବେଚନା କରାଯାଇଥାଏ। ଏହି ପଞ୍ଚଦେବ ବିଗ୍ରହ ରୂପରେ ପୂଜିତ ହୋଇଥାନ୍ତି।

ଏହି କାର୍ଯ୍ୟକ୍ରମରେ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ, ନାଲକୋ ଇଡି ରାଜକିଶୋର ମିଶ୍ର, ସ୍ମେଲଟର ମହାପ୍ରବନ୍ଧକ ମନସା ମିଶ୍ର, ନାଲ୍‌କୋ ଏଚ୍‌ଆର୍‌ଡି ମହାପ୍ରବନ୍ଧକ ଏସ୍.ଏନ୍. ସାହୁ ପ୍ରମୁଖ ଯୋଗଦେଇଥିଲେ। ସକାଳେ ରାଞ୍ଚି ସ୍ଥିତ ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ମହାରାଜା ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ପ୍ରବଚନ ପ୍ରଦାନ କରିଥିଲେ। ଏଥିସହ ଜଗନ୍ନାଥଙ୍କ ମହାନ ସଂସ୍କୃତି ଉପରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିବା ପାଇଁ ଏକ କୁଇଜ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଶ୍ରୀ ଜଗନ୍ନାଥ ସଂସ୍କୃତିକ ପରିଷଦ, ଦିବ୍ୟ ଜୀବନ ସଂଘ, ସ୍ୱାମୀ ଶିବାନନ୍ଦ ସେବାଶ୍ରମ ଚାରି ଟେବୁଲ ସୋସାଇଟି, ଚିନ୍ମୟ ମିଶନ ଅନୁଗୋଳ ଶାଖା, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଗାୟତ୍ରୀ ପରିବାର ଆଦି ପକ୍ଷରୁ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପୁସ୍ତକମେଳା ଖୋଲାଯାଇଛି। ଏଥିସହ ଚତୁର୍ଦ୍ଧା ବିଗ୍ରହଙ୍କ ଲୀଳାକ୍ଷେତ୍ର ଫଟୋ ପ୍ରଦର୍ଶନୀ, ମହାପ୍ରଭୁଙ୍କ ୨୪ ଗୋଟି ବେଶ ପ୍ରଦର୍ଶନୀ, ମନ୍ଦିରର ୫୬ ଭୋଗ ପ୍ରଦର୍ଶନୀ, ଚତୁର୍ଦ୍ଧା ବିଗ୍ରହଙ୍କ ନବକଳେବର ଫଟୋ ଓ ଭିଡିଓ ପ୍ରଦର୍ଶନୀ, ଜଗନ୍ନାଥ ପୁସ୍ତକ ମେଳା ଭକ୍ତମାନଙ୍କ ମନମୋହିବା ସହ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରୁଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭକ୍ତମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଉଛି। ଆସନ୍ତା ୩୦ ତାରିଖରେ ଏହି ମହୋତ୍ସବ ଉଦ୍‌ଯାପିତ ହେବ। ଜଗନ୍ନାଥ ସଂସ୍କୃତି ପରିଷଦ (ଓଡ଼ିଶା) ଓ ନାଲ୍‌କୋନଗର ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।



ନାଲକୋନଗରରେ ଅନୁଷ୍ଠିତ ଜଗନ୍ନାଥ ମହୋତ୍ସବରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ଅନ୍ୟ ସାଧୁସନ୍ଥମାନେ।

## ମାନବାଧିକାର କର୍ମୀଙ୍କୁ ଏକ୍ସିଲେନ୍ସି ସମ୍ମାନ

ଅନୁଗୋଳ ଅଫିସ, ୨୮।୩

ଅନୁଗୋଳର ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ରୟାଲ କଲେଜ ଅଫ୍ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି ଅଡିଟୋରିୟମ ଠାରେ ଗତ ଶନିବାର ଜଳବାୟୁ ପରିବର୍ତ୍ତନ ଓ ମାନବ ଅଧିକାର ଶୀର୍ଷକ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାନବ ଅଧିକାର କମିଶନର କାର୍ଯ୍ୟକାରୀ ଅଧକ୍ଷ ବିଚାରପତି ରଘୁବୀର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଙ୍ଗଠନ ଉପସଭାପତି ଦେବବ୍ରତ ପାଣିଗ୍ରାହୀ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା ଓ ମାନବ ଅଧିକାର ସୁରକ୍ଷା ଦିଗରେ ଜନସଚେତନତା ସୃଷ୍ଟି ସହିତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଗୋଳ-ଢେଙ୍କାନାଳ ଜିଲାର ମାନବାଧିକାର ସୁରକ୍ଷା ସଙ୍ଗଠନ ସଭାପତି ରାମଚନ୍ଦ୍ର ରାଉତରାୟଙ୍କୁ ମୁଖ୍ୟଅତିଥି ଜଷ୍ଟିସ୍ ରଘୁବୀର ଦାସ ଏକ୍ସିଲେନ୍ସି ସମ୍ମାନରେ ସମ୍ମାନିତ କରିଥିଲେ। ଏଥିସହିତ ସଙ୍ଗଠନ ଉପସଭାପତି ଶରତ କୁମାର ମିଶ୍ର ଓ ସୌଭାଗ୍ୟ ଚନ୍ଦ୍ର ନନ୍ଦଙ୍କୁ ମଧ ଏକ୍ସିଲେନ୍ସି ସମ୍ମାନ ପ୍ରଦାନ କରିଥିଲେ।

## ■ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

# ପ୍ରବନ୍ଧରେ ଲିପୁ, ଚିତ୍ରାଙ୍କନରେ ପ୍ରଜ୍ଞାପ୍ରିୟା ଶ୍ରେଷ୍ଠ




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ ଅଫିସ, ୨୮।୩

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହରେ ବୁଧବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନ୍ୟୁ ଇଣ୍ଡିଆ' ଏବଂ ଭାରତ ସରକାରଙ୍କ ସଡ଼କ ଓ ଗମନାଗମନ ମନ୍ତ୍ରଣାଳୟର ମିଳିତ ସହଯୋଗରେ 'ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ଲିପୁ ଭୂତିଆ, ଚିକୁ ସାହୁ, ପ୍ରତିଭା ବେହେରା, ଚିତ୍ରାଙ୍କନରେ ପ୍ରଜ୍ଞାପ୍ରିୟା ସାହୁ, ରୋଜାଲିନ ସାହୁ, ମୋନାଲିସା ପଣ୍ଡା ଏବଂ କୁଇଜରେ ସୌଦାମିନୀ ସାହୁ, ପ୍ରଜ୍ଞାପ୍ରିୟା ନାୟକ, ମୋନାଲିସା ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ।

ଅନୁଷ୍ଠାନର ସମ୍ପାଦକ ଶେଷଦେବ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିହଲପ୍ରସାଦ ଥାନାଧିକାରୀ ରତ୍ନାକର ମଲ୍ଲିକ, ସମ୍ମାନିତ ଅତିଥି କଲେଜ ଅଧକ୍ଷ ଭଗବାନ ମିଶ୍ର, ଅଧ୍ୟାପକ ବୈକୁଣ୍ଠନାଥ ମିଶ୍ର, ସୁଜାତା ବିଶ୍ୱାଳ, ସାମାଜିକ କର୍ମୀ ସୌମ୍ୟାଶ୍ରୀ ମିଶ୍ର ଯୋଗଦେଇଥିଲେ। ନିଶା ସେବନ କରି ଗାଡ଼ି ନ ଚଳାଇବା, ହେଲ୍‌ମେଟ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା ସମ୍ପର୍କରେ ଅତିଥିମାନେ ସଚେତନ କରାଇଥିଲେ। ଓଡ଼ିଆ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## ■ ବିନିକେଇରେ ଦୋଳଯାତ୍ରା

# କଳସ ଶୋଭାଯାତ୍ରା କଲେ ୬ଶହ ମହିଳା



ମହିଳାମାନେ କଳସରେ ପାଣି ନେଉଛନ୍ତି।

ବଇଣ୍ଡା, ୨୮।୩(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ବିନିକେଇ ନିକଟରେ ଗୁରୁବାରଠାରୁ ପ୍ରସିଦ୍ଧ ବିନିକେଇ ଦୋଳଯାତ୍ରା ଆରମ୍ଭ ହୋଇଛି। କୁତୁଲୁସିଙ୍ଗା ନାଳଠାରୁ ୬୦୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇ କଳସ ଯାତ୍ରା କରିଥିଲେ। ଏହି ଯାତ୍ରା ୩ ଦିନ ଧରି ଚାଲିବ। ଜିଲା ତଥା ଜିଲା ବାହାରୁ ବହୁ ବ୍ୟବସାୟୀ ଆସି ନଦୀ ବାଲିରେ ବ୍ୟବସାୟ ପାଇଁ ମେଳଣ କରିଛନ୍ତି। ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। କମିଟିର ସତ୍ୟନାରାୟଣ ନାହାକ, ସଞ୍ଜୀବ କୁମାର ପ୍ରଧାନ, ଅଚ୍ୟୁତା କୁମାର କ୍ଷତି, ମାନଭଞ୍ଜନ ପ୍ରଧାନ, ଟୁନି ପ୍ରଧାନ, ଗୀତାଞ୍ଜଳି ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଅସନ୍ତୁଷ୍ଟଙ୍କୁ ମନାଇବାକୁ ରୁଦ୍ଧଦ୍ୱାର ବୈଠକ

ଅନୁଗୋଳ ଅଫିସ, ୨୮।୩

ଅନୁଗୋଳ ନିର୍ବାଚନମଣ୍ଡଳୀରେ ପ୍ରଥମ ଦଳ ଭାବେ ଗୁରୁବାର ଭାଜପା ପକ୍ଷରୁ ଆରମ୍ଭ ହୋଇଛି ଡିଜିଟାଲ ପ୍ରଚାର। ପୂର୍ବାହ୍ନରେ ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଏକ ଗାଡ଼ିରେ ଡିଜିଟାଲ ସ୍କ୍ରିନ ଲଗାଇ ଏହି ପ୍ରଚାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆଗକୁ ଏହାକୁ ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ସେହିପରି ସଙ୍ଗଠନ ମଜଭୁତ କରିବାକୁ ଖଳାରିସ୍ଥିତ ଶିବ ମନ୍ଦିରରେ ଏକ ବୈଠକ ମଧ ମଣ୍ଡଳ ସଭାପତିମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ଥିବା ୬ଟି ମଣ୍ଡଳ ସଭାପତି ଓ ସଦସ୍ୟମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ଦଳ ବିରୋଧୀ କାର୍ଯ୍ୟ ନ କରିବା ସହ ନିଜ ନିଜ ଭିତରେ ବୁଝାମଣା ରଖି କାର୍ଯ୍ୟ କରିବାକୁ ଖଳାରୀ ମଣ୍ଡଳ ସଭାପତି ଲୋଚନ ସାହୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ତେବେ ରାତିରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ଅସନ୍ତୁଷ୍ଟଙ୍କୁ ମନାଇବା ପାଇଁ ଏକ ରୁଦ୍ଧଦ୍ୱାର ବୈଠକ ଡକାଇ ବୁଝାଶୁଝା କରିଥିବା ଜଣାପଡ଼ିଛି।

## ■କଂଗ୍ରେସରେ ମିଶିଲେ ବିଜେଡି, ଭାଜପା କର୍ମୀ

# ସାଙ୍ଗଠନିକ କାର୍ଯ୍ୟକୁ ଓହ୍ଲାଇଲେ ବିପ୍ଳବଙ୍କ ପୁଅ



ମିଶ୍ରଣ ପର୍ବରେ ଜିଲା କଂଗ୍ରେସ ସଭାପତି ଓ ତାଙ୍କ ପୁଅଙ୍କ ସହ ନୂତନ ଭାବେ ଯୋଗଦେଇଥିବା କର୍ମୀମାନେ।

ଅନୁଗୋଳ ଅଫିସ, ୨୮।୩

ଅନୁଗୋଳ ବିଧାନସଭା କ୍ଷେତ୍ରର ଶତାଧିକ ବିଜେଡି ଓ ଭାଜପା କର୍ମୀ ଗୁରୁବାର କଂଗ୍ରେସରେ ଯୋଗଦେଇଛନ୍ତି। ଅନୁଗୋଳ କଂଗ୍ରେସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ତଥା ଅନୁଗୋଳ ବିଧାୟକ ପ୍ରାର୍ଥୀ ବିପ୍ଳବ ଜେନାଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ତେବେ ଏହି ପର୍ବରେ ବିପ୍ଳବଙ୍କ ପୁଅଙ୍କ ଉପସ୍ଥିତି ଚର୍ଚ୍ଚାର ବିଷୟ ହୋଇଥିଲା। ଏଥିରେ ବନ୍ତଳା ପଞ୍ଚାୟତର ବିଜୁ ଯୁବ ବାହିନୀ କୋଷାଧକ୍ଷ ବିଶ୍ୱଜିତ ସାହୁ, ଶୁଶୁଡ଼ା ପଞ୍ଚାୟତ ଭାଜପା ଯୁବ ମୋର୍ଚ୍ଚା ସଭାପତି ଶଶିଭୂଷଣ ରଥ, ଉପସଭାପତି ରଞ୍ଜନ କୁମାର ମୁଦୁଲି, ୱାର୍ଡମେମ୍ବର ସୁଶାନ୍ତ କୁମାର ପରିଡ଼ା, ରାକେଶ ହୋତାଙ୍କ ନେତୃତ୍ୱରେ ବହୁ କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ। ନଗର କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ସୁଦୀପ କୁମାର ମିଶ୍ର ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

# ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

ଆଠମଲ୍ଲିକ, ୨୮।୩(ଡି.ଏନ.ଏ.)

ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭି.ଏନ. ତ୍ରିବେଦୀ ଗୁରୁବାର ଅନୁଗୋଳ ଜିଲା ଆଠମଲ୍ଲିକ ଗସ୍ତରେ ଆସିଛନ୍ତି। ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ଟିମ୍‌ର ସଦସ୍ୟଙ୍କୁ ନେଇ ଏକ ସମୀକ୍ଷା ବୈଠକ ବସିଥିଲା। ପ୍ରଥମେ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ୬୩-ଆଠମଲ୍ଲିକ ପାଇଁ ନିଯୁକ୍ତ ହୋଇଥିବା ଅତିରିକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବାଣିଜ୍ୟ କର ଅଧିକାରୀ ଚିତ୍ତରଞ୍ଜନ ନାଏକ ଉପସ୍ଥିତ ରହି ନିର୍ବାଚନରେ ନିଯୁକ୍ତ ହୋଇଥିବା ବିଭିନ୍ନ ଟିମ୍ ଯଥା ଫ୍ଲାଇଂ ସ୍କ୍ୱାଡ ଷ୍ଟାର୍ଟିକ୍ ଟିମ୍, ଭିଡିଓ ସର୍ଭିଲାନ୍ସ ଟିମ୍, ଭିଡିଓ ଭିୱିଙ୍ଗ ଟିମ୍‌ରେ କାର୍ଯ୍ୟ କରୁଥିବା ଅଧିକାରୀ ତଥା କର୍ମଚାରୀମାନଙ୍କ ପରିଚୟ ପ୍ରଦାନ କରି ତାଙ୍କୁ ଦିଆଯାଇଥିବା ଦାୟିତ୍ୱ ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଜଣାଇଥିଲେ। ପର୍ଯ୍ୟବେକ୍ଷକ ସମସ୍ତ ଟିମ୍‌କୁ ନିର୍ବାଚନ ସମୟରେ ପ୍ରାର୍ଥୀମାନଙ୍କ ଖର୍ଚ୍ଚକୁ ଜଗିବା ସହ ରେଜିଷ୍ଟର ଠିକ୍‌ଠାକ୍ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ବିଭିନ୍ନ ଟିମ୍‌ର ଅଧିକାରୀ ଯଥା ସହକାରୀ ନିର୍ବାହୀ ଯନ୍ତ୍ରୀ ଉଗ୍ରସେନ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର କୁମାର ଜେନାମଣି, ଆକାଉଣ୍ଟସ୍ ଅଫିସର ଏଲଏନଏସ ରାଜିନ୍ଦ୍ର, ସହକାରୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ଗଡନାୟକଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରଥମ ଦିନରେ ୧୮ ଫର୍ମ ବିକ୍ରି

ଅନୁଗୋଳ ଅଫିସ, ୨୮।୩



ଚଳିତ ସାଧାରଣ ନିର୍ବାଚନ ପାଇଁ ଅନୁଗୋଳରେ ଗୁରୁବାରଠାରୁ ଫର୍ମ ବିକ୍ରି ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅନୁଗୋଳ ଜିଲାରେ ମୋଟ ୧୮ ଜଣ ପ୍ରାର୍ଥିପତ୍ର ଦାଖଲ ପାଇଁ ଫର୍ମ କିଣିଥିବା ପ୍ରଶାସନ ପକ୍ଷରୁ ଜଣାପଡିଛି। ମୋଟ ବିକ୍ରି ହୋଇଥିବା ଫର୍ମ ମଧ୍ୟରୁ କେବଳ ଅନୁଗୋଳ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ୮ଟି ଫର୍ମ ବିକ୍ରି ହୋଇଛି। ସେଥିମଧ୍ୟରୁ ଅନୁଗୋଳ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପାର ଜଣେ, ଆମ୍ବେଡକର ପାର୍ଟି ଅଫ୍ ଇଣ୍ଡିଆର ଜଣେ, ସ୍ୱାଧୀନ ପ୍ରାର୍ଥୀ ୩ ଜଣ ଏହି ଫର୍ମ ନେଇଛନ୍ତି। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ପାଇଁ ଭାଜପାରୁ ଜଣେ, ଆମ୍ବେଡକର ପାର୍ଟି ଅଫ୍ ଇଣ୍ଡିଆରୁ ଜଣେ, ସ୍ୱାଧୀନ ପ୍ରାର୍ଥୀ ଜଣେ ଫର୍ମ କିଣିଛନ୍ତି। ସେହିପରି ତାଳଚେର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମୋଟ ୪ଟି ଫର୍ମ ବିକ୍ରି ହୋଇଛି। ସେଥିମଧ୍ୟରୁ ଜଣେ ବିଜେଡି ପ୍ରାର୍ଥୀ, ଜଣେ ଭାଜପା ଓ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ଫର୍ମ ନେଇଛନ୍ତି। ଆଠମଲ୍ଲିକରେ ୪ଟି ଫର୍ମ ବିକ୍ରି ହୋଇଥିବାବେଳେ ଏସ୍‌ୟୁସିଆଇର ପ୍ରାର୍ଥୀ ରମଣୀ ରଞ୍ଜନ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଏସ୍‌ପିର ଜଣେ ଫର୍ମ ନେଇଥିବାବେଳେ ୨ ଜଣେ ସ୍ୱାଧୀନ ପ୍ରାର୍ଥୀ ଆଠମଲ୍ଲିକରୁ ଫର୍ମ କିଣିଛନ୍ତି। ସେହିପରି ପାଲଲହଡ଼ାରେ ଭାଜପା ଗୋଟିଏ ଓ ଏସ୍‌ୟୁସିଆଇ(ଏମ୍) ଗୋଟିଏ ନାମାଙ୍କନ ଫର୍ମ ନେଇଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ■ପ୍ରଚାର ପାଇଁ ପାଗ ଭିଡ଼ିଲା କଂଗ୍ରେସ

# ଟାର୍ଗେଟରେ କେନ୍ଦ୍ର, ରାଜ୍ୟ ସରକାର

ଢେଙ୍କାନାଳ ଅଫିସ, ୨୮।୩

ମୁଣ୍ଡ ଉପରେ ନିର୍ବାଚନ। ଏହାକୁ ନେଇ ସବୁ ଦଳ ମଧ୍ୟରେ ତତ୍ପରତା ପ୍ରକାଶ ପାଉଥିବାବେଳେ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ପାଗ ଭିଡ଼ିଛି ଢେଙ୍କାନାଳ ଜିଲା କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦୋଷଦୁର୍ବଳତା ଭୋଟରଙ୍କ ନିକଟରେ ପହଞ୍ଚାଇବା ପ୍ରମୁଖ ପ୍ରସଙ୍ଗ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ବୈଠକରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ କଂଗ୍ରେସ ସରକାର ସମୟରେ ହୋଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଭାଜପା ଏବଂ ବିଜେଡି ସରକାରକୁ ଜନବିରୋଧୀ କହିବା ସହ ତୀବ୍ର ସମାଲୋଚନା କରିଥିଲେ। ରାଜ୍ୟ କଂଗ୍ରେସ ଉପସଭାପତି ତଥା ଜିଲା ପର୍ଯ୍ୟବେକ୍ଷକ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଭାଜପା, ବିଜେଡି ସରକାର ବିରୋଧରେ ଜନମତ ସୃଷ୍ଟି କରିବାକୁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ କହିଲେ, ନବୀନ ପଟ୍ଟନାୟକ ତାଙ୍କର ୧୯ ବର୍ଷର ଶାସନ କାଳରେ ରାଜ୍ୟକୁ ରସାତଳଗାମୀ କରିସାରିଲେଣି। ରାଜ୍ୟର ଆର୍ଥିକସ୍ଥିତି ଭୁଶୁଡ଼ି ପଡ଼ିଛି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଏକାଠି ହୋଇ ଦଳକୁ କ୍ଷମତାସୀନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସଦର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ନବୀନ ନନ୍ଦ ଆଲୋଚନାରେ ଭାଗ ନେଇ କହିଲେ, ରାଜ୍ୟରେ ଗୁଣ୍ଡାରାଜ ବଢ଼ିଚାଲିଛି। ନାରୀ ନିର୍ଯ୍ୟାତନା ଚରମସୀମାରେ ପହଞ୍ଚିଛି। ସୁସ୍ଥ ଗଣତନ୍ତ୍ର ଫେରାଇ ଆଣିବାକୁ ସମସ୍ତେ ଏକାଠି ହେବାର ସମୟ ଆସିଛି ବୋଲି ସେ କହିଥିଲେ।

ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ସୁବାସିନୀ ମହାକୁଡ, ନିର୍ବାଚନ ପରିଚାଳନା କମିଟି ଅଧକ୍ଷ ନିର୍ମଳ ମିଶ୍ର, ବରିଷ୍ଠ କର୍ମୀ ଶ୍ରୀଧର ସାହୁ, ଗୋପାଳ ଚନ୍ଦ୍ର ସାହୁ, ରଞ୍ଜନ ନାୟକ, ନିଶାକର ସାହୁ, ବାବୁ ଖାଁ, ସୁମିତ୍ରା ଭୋଇ, ସୁବ୍ରତ ନନ୍ଦ, ଦୀପ୍ତିରଞ୍ଜନ ସେଠୀ, ବ୍ରହ୍ମାନନ୍ଦ ମଲ୍ଲିକ, ମଳୟ ସିଂ, କୁନିଲତା ଦେହୁରୀ, ସଚ୍ଚିଦାନନ୍ଦ ନନ୍ଦ, ଅମର ସେନାପତି ପ୍ରମୁଖ ବହୁ କର୍ମୀ ଯୋଗଦେଇଥିଲେ। ସାଙ୍ଗଠନିକ ସମ୍ପାଦକ ରୁଦ୍ର ପ୍ରକାଶ ଶରଣ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲା ଉପସଭାପତି ପ୍ରକାଶ କୁଅଁର ଧନ୍ୟବାଦ ଦେଇଥିଲେ। ବୈଠକ ପୂର୍ବରୁ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାଜିଚୌକ୍‌ରୁ ବାହାରି ସହର ପରିକ୍ରମା କରିଥିଲେ।




ବୈଠକରେ କଂଗ୍ରେସ କର୍ମକର୍ତ୍ତାମାନେ।

